ପ୍ରମେୟ
THE PRAMEYA

28th June, 2019

## ପରିବେଶ ଉପଯୋଗୀ ହେବ ଆଇଆଇଟି

# କ୍ୟାମ୍ପସରେ ଚାଲିବ ବ୍ୟାଟେରୀ ଗାଡ଼ି

ଭୁବନେଶ୍ୱର, ୨୭।୬(ବ୍ୟୁରୋ): ଭୁବନେଶ୍ୱର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ଭୁବନେଶ୍ୱର ହେବ ପରିବେଶ ଉପଯୋଗୀ କ୍ୟାମ୍ପସ। ଯେତେ ମାତ୍ରାରେ ସମ୍ଭବ କ୍ୟାମ୍ପସରୁ ପ୍ରଦୂଷଣକୁ ରୋକାଯିବ। ପୂର୍ବରୁ କ୍ୟାମ୍ପସକୁ ସବୁଜ କ୍ୟାମ୍ପସ ବା ଗ୍ରୀନ୍ କ୍ୟାମ୍ପସ କରିବା ପାଇଁ ହଜାର



ହଜାର ବୃକ୍ଷରୋପଣ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାମ୍ପସ ଚାରିପଟେ ସୌର ବିଦ୍ୟୁତ୍ ବା ସୋଲାର ଲାଇଟ୍ ଲଗାଯାଇ ଜଳ ବିଦ୍ୟୁତ ବ୍ୟବହାରକୁ କମ୍ କରାଯାଇଥିଲା। ଏବେ ପରିବେଶକୁ ସବୁଜ ସୁନ୍ଦର କରିବା ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ନିଆଯାଇଛି ଆଉ ଏକ ନୂଆ ପଦକ୍ଷେପ। ଆଜିଠୁ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସରେ ବ୍ୟାଟେରୀ ଚାଳିତ ଗାଡ଼ି ଗଡ଼ିବା ଆରମ୍ଭ ହୋଇଛି। ବାହାରୁ ଯିଏ ଯେଉଁ ଗାଡ଼ି ନେଇ ଯାଉ ନା କାହିଁକି, ମୁଖ୍ୟ ଫାଟକ ପାଖରେ ନିଜ ଗାଡ଼ି ରଖି ବ୍ୟାଟେରୀ ଚାଳିତ ଗାଡ଼ିରେ କ୍ୟାମ୍ପସରେ ଚଳପ୍ରଚଳ କରିବେ। ଛାତ୍ରଛାତ୍ରୀ ହୁଅନ୍ତୁ କିମ୍ବା ଅଧ୍ୟାପକ, ଅଭିଭାବକ ହୁଅନ୍ତୁ ବା ପରିଦର୍ଶକ, ଯିଏ ବି ଆସିବେ ସେ ଏହି ବ୍ୟାଟେରୀ ଚାଳିତ ଗାଡ଼ିରେ କ୍ୟାମ୍ପସରେ ବୁଲିବେ। ଫଳରେ ଡିଜେଲ ଓ ପେଟ୍ରୋଲ ଚାଳିତ ଗାଡ଼ିରୁ ବାହାରୁ ଥିବା ଅଙ୍ଗାରକାମ୍ଳକୁ ରୋଗଯାଇପାରିବ ଏବଂ ପରିବେଶ ସବୁଜ ସୁନ୍ଦର ରହିବ। ତେବେ ଏହି ବ୍ୟାଟେରୀ ଚାଳିତ ଗାଡ଼ି ପାଇଁ ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ସୂଚନା ଦେଇଛନ୍ତି। ଏହି ବ୍ୟାଟେରୀ ଚାଳିତ ଗାଡ଼ିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ଅବସରରେ ପ୍ରଫେସର ରାଜକୁମାର ଏହା କହିଛନ୍ତି।

ଏ ବାବଦରେ ସେ କହିଛନ୍ତି ଆଇଆଇଟି ଭୁବନେଶ୍ୱର ସବୁ ସମୟରେ ଗ୍ରୀନ୍ କ୍ୟାମ୍ପସ୍ ଦିଗରେ ମନ ବଳାଇଛି। ଏଥିପାଇଁ ଆମେ କ୍ୟାମ୍ପସ୍ ପରିସରରେ ବନୀକରଣ କରିଛୁ। ଏହାଛଡ଼ା କ୍ୟାମ୍ପସ୍‌ରେ ଯିବା ଆସିବା ପାଇଁ ସାଇକେଲିଂକୁ ପ୍ରୋତ୍ସାହିତ କରୁଛୁ। କ୍ୟାମ୍ପସ୍‌ରେ ଆରମ୍ଭ ହୋଇଥିବା ବର୍ଷାଜଳ ସଂରକ୍ଷଣ ସହ ବ୍ୟାଟେରୀ ଚାଳିତ ଗାଡ଼ି ସୁବିଧା, କେନ୍ଦ୍ର ସରକାର ଆରମ୍ଭ କରିଥିବା ଅଣ ପାରମ୍ପରିକ ଶକ୍ତି ଉତ୍ସର ବିନିଯୋଗ ଦିଗରେ ଏକ ଉଦାହରଣ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଆଇଆଇଟିର ଛାତ୍ରଛାତ୍ରୀ, କର୍ମଚାରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମିନେରାଲ ବିଭାଗ ମୁଖ୍ୟ ପ୍ରଫେସର ସୁଜିତ ରୟ, ରେଜିଷ୍ଟ୍ରାର ସୁବୋଧ କୁମାର ଓ ଟ୍ରାନ୍ସପୋର୍ଟ ବିଭାଗ ପ୍ରଫେସର ଇନଚାର୍ଜ ଡକ୍ଟର ରାଜେଶ ରୋଷନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଟାଇମ୍ସ ହାୟର୍ ଏଜୁକେଶନ ୟଙ୍ଗ୍ ୟୁନିଭର୍ସିଟି ର୍‍ୟାଙ୍କିଂରେ ଆଇଆଇଟି ଭୁବନେଶ୍ୱର

## ଦେଶରେ ରିସର୍ଚ୍ଚ ସାଇଟେସନ୍ କ୍ଷେତ୍ରରେ ତୃତୀୟ

ଭୁବନେଶ୍ୱର,୨୭।୬(ବ୍ୟୁରୋ): ଭୁବନେଶ୍ୱର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) କୁ ମିଳିଛି ବଡ ମାନ୍ୟତା। ଦ ଟାଇମ୍ସ ହାୟର୍ ଏଜୁକେଶନ୍ ୟଙ୍ଗ ୟୁନିଭର୍ସିଟିର ର୍‍ୟାଙ୍କିଂ ତାଲିକାରେ ୧୫୧ରୁ ୨ଶହ ମଧ୍ୟରେ ସ୍ଥାନ ପାଇଛି। ସମଗ୍ର ବିଶ୍ୱର ଶିକ୍ଷାନୁଷ୍ଠାନଗୁଡିକ ଭାଗ ନେଇଥିବା ବେଳେ ଭାରତର ଶ୍ରେଷ୍ଠ ଜାତୀୟ ଶିକ୍ଷାନୁଷ୍ଠାନ ମଧ୍ୟରେ ପଞ୍ଚମ ସ୍ଥାନରେ ରହିଛି। ଅପରପକ୍ଷେ ସମଗ୍ର ଦେଶରେ ରିସର୍ଚ୍ଚ ସାଇଟେସନ୍‌ରେ ଭୁବନେଶ୍ୱର ଆଇଆଇଟି ତୃତୀୟ ସ୍ଥାନ ଅଧିକାର କରିଛି ବୋଲି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଫେସର ରାଜକୁମାର କହିଛନ୍ତି, ଭୁବନେଶ୍ୱର ଆଇଆଇଟି ଲଗାତର ନିଜର ସ୍ଥିତି ଅଭିବୃଦ୍ଧିରେ ଲାଗିପଡିଛି। ଗୁଣାତ୍ମକ ଶିକ୍ଷାଦାନ, ଗବେଷଣାକୁ ଗୁରୁତ୍ୱ ଦେବା ସହିତ ଅଭିଜ୍ଞ ତଥା ପ୍ରବୀଣ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଯାଉଛି।